# ଭତ୍ତା ନ ପାଇ ଫେରିଲେ ହିତାଧିକାରୀ

କାମାକ୍ଷାନଗର,୧୫।୧୨(ସୁଧୀର ପରିଡା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ କଙ୍କଡାହାଡ଼ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ଭତ୍ତା ପାଇଁ ଦୂରଦୂରାନ୍ତରୁ ଆସିଥିବା ବୃଦ୍ଧାବୃଦ୍ଧ ନିରାଶ ହୋଇ ଫେରିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ହିତାଧିକାରୀମାନେ ଅଭିଯୋଗ କରିଛନ୍ତି, ପ୍ରତି ମାସର ୧୫ ତାରିଖରେ ଭତ୍ତା ପ୍ରଦାନ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଶୁକ୍ରବାର ସେଥିପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲୁ। ହେଲେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦେଖା ମିଳି ନ ଥିଲା। ତେଣୁ ଫେରିବାକୁ ପଡ଼ିଥିଲା। ତୁରନ୍ତ ଭତ୍ତା ଯୋଗାଇ ଦେବା ପାଇଁ ହିତାଧିକାରୀମାନେ ଗଣମାଧ୍ୟମ ଜରିଆରେ ଜିଲାପାଳଙ୍କୁ ନିବେଦନ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନକୁଳ ବେହେରାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ. ନୈବେଦ୍ୟ ଲଲାଟେନ୍ଦୁ କରିଛନ୍ତି, ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ସମ୍ପୃକ୍ତ ପିଇଓ ୩ଟି ପଞ୍ଚାୟତ ଦାୟିତ୍ୱରେ ଥିବାରୁ ଏପରି ଅବ୍ୟବସ୍ଥା ସୃଷ୍ଟି ହେଉଛି ଶନିବାର ଭତ୍ତା ପ୍ରଦାନ କରାଯିବ।


ଭତ୍ତା ପାଇଁ ଆସିଥିବା ହିତାଧିକାରୀମାନେ।

# ପରିବେଶ ପ୍ରତି ଅଧିକ ଯତ୍ନଶୀଳ ହୁଅ

## ୪୦ ତମ ଜିଲାସ୍ତରୀୟ ପ୍ରଦର୍ଶନୀ

ଢେଙ୍କାନାଳ,୧୫।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ କାଇମାଟିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦୁଇଦିନିଆ ୪୦ତମ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଜିଲାପାଳ ମନୋରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ବିଜ୍ଞାନର ଅଗ୍ରଗତି ସହିତ ପରିବେଶ ପ୍ରତି ଅଧିକ ଯତ୍ନଶୀଳ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ପ୍ରଦର୍ଶନୀ ଆୟୋଜନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିରାଳ ମହାବିଦ୍ୟାଳୟ ପ୍ରାଧ୍ୟାପକ ପ୍ରହ୍ଲାଦ ଅଗସ୍ତି, ସୃଜନଶୀଳ ବିଜ୍ଞାନ ଦ୍ୱାରା ମାନବ ସମାଜରେ ଜୀବନ ଯାପନ ଶୈଳୀରେ ଅଧିକ ଲାଭଦାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏକ ସୁନ୍ଦର ପୃଥିବୀ ନିର୍ମାଣ କ୍ଷେତ୍ରରେ କୁନିକୁନି ବିଜ୍ଞାନୀମାନେ ଯେପରି ଅଧିକ ଆଗ୍ରହୀ ହେବେ ସେଥିପ୍ରତି ଶିକ୍ଷକମାନେ ପ୍ରୟାସ କରିବା ପାଇଁ କହିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ଭାରତୀୟ ବିଜ୍ଞାନୀମାନଙ୍କ ମହାନ୍ ଆବିଷ୍କାର ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ବିଜ୍ଞାନ ସୁପରଭାଇଜର ଲକ୍ଷ୍ମୀଧର ମହନ୍ତ, ଜିଲାରେ ବିଜ୍ଞାନ ସମ୍ପର୍କିତ କାର୍ଯ୍ୟକ୍ରମର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିଜ୍ଞାନଭିତ୍ତିକ କୁଇଜ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।


ଜିଲାସ୍ତରୀୟ ପ୍ରଦର୍ଶନୀକୁ ଜିଲାପାଳ ମନୋରଞ୍ଜନ ମଲ୍ଲିକ ବୁଲି ଦେଖୁଛନ୍ତି।

# ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଢେଙ୍କାନାଳ,୧୫।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିଳିଇ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଧରଣୀଧର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ବାଳକୃଷ୍ଣ ସାହୁ, ସମ୍ମାନିତ ଅତିଥି ଭାବେ ସିମିଳିଇ ସରପଞ୍ଚ ଅଜିତ ସିଂ, ପରିଚାଳନା କମିଟି ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ରାଉତ, ପ୍ରତିଷ୍ଠାତା ଶଶାଙ୍କ ଶେଖର ରଥ ପ୍ରମୁଖ ଯୋଗଦେଇ ସରକାରଙ୍କ ବିକାଶମୁଖୀ କାର୍ଯ୍ୟକ୍ରମରେ ଯୁବ ସମାଜ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ପରିଡା ସ୍ୱାଗତ ଭାଷଣ, ନୋଡାଲ ଅଫିସର ସୁଜିତ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ କୀର୍ତ୍ତି କୌଶିକ ପଣ୍ଡାଙ୍କ ନେତୃତ୍ୱରେ ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ରାଜେନ୍ଦ୍ର ପାଣିଗ୍ରାହୀ ସର୍ପାଘାତ ଓ ତାର ଆଶୁ ଚିକିତ୍ସା ସମ୍ପର୍କରେ ସଚେତନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଧରଣୀଧର ସେଠୀ, ଅନିଲ କୁମାର ପଣ୍ଡା, ଅନିତା ଦାସ, ଭାରତୀ ବେହେରା, ପରିମିତା ନାୟକ, ଶୁଭଶ୍ରୀ ରାଉତ, କିଶୋରଚନ୍ଦ୍ର ନନ୍ଦ, ପ୍ରଜ୍ଞା ପାରମିତା, ଶଶଧର ସାହୁ, ସୌମ୍ୟରଞ୍ଜନ ଦାସ, ପଲ୍ଲିଶ୍ରୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶିବିରରେ ୧୧୪୮ ବିଜେଡି କର୍ମୀଙ୍କୁ ପ୍ରଶିକ୍ଷଣ

ପରଜଙ୍ଗ,୧୫।୧୨(ନିଗମାନ ଦଳବେହେରା)

ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ଗୁରୁବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦଳକୁ ଆହୁରି ଲୋକାଭିମୁଖୀ ଓ ଜନକୈନ୍ଦ୍ରିକ କରିବା ଉଦ୍ଦେଶ୍ୟରେ ପରଜଙ୍ଗ ବ୍ଲକର ୨ ନଂ. ଜୋନର ୧୦ ପଞ୍ଚାୟତ, ପରଜଙ୍ଗ ବ୍ଲକ ୩ ନଂ. ଜୋନର ୮ ପଞ୍ଚାୟତ ଏବଂ କାମାକ୍ଷାନଗର ବ୍ଲକର ୧ ନଂ. ଜୋନର ୬ ପଞ୍ଚାୟତର ସମସ୍ତ ୱାର୍ଡରୁ ୧୧୪୮ ଜଣକୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋନସ୍ତରୀୟ ପ୍ରଶିକ୍ଷଣ ପର୍ଯ୍ୟବେକ୍ଷକ ଜୟରାମ ଦାସ, ଅଭିଷେକ ଜଗତ, ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଯୁବନେତା ଅସିତ ରାୟ ଚୌଧୁରୀ, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ପ୍ରୀୟଜିତ୍ ସାମଲ, ପ୍ରେମାନନ୍ଦ ସାହୁ, ଗୌତମ ପାଣି, ଭୂପେସ ପ୍ରଧାନ, ଜମ୍ବେଶ୍ୱର ବର୍ମା, ଦିଲୀପ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଶିକ୍ଷଣ ଶିବିରରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ଅଟୋ,ବାଇକ୍ ଜବତ: ୨ ଗିରଫ

ବଉଣ୍ଡା,୧୫।୧୨
(ପରିକ୍ଷିତ ସାହୁ)

ଠାକୁରଗଡ଼ ପୋଲିସ ଗୁରୁବାର ରାତିରେ ଠାକୁରଗଡ଼ ଅଞ୍ଚଳରେ ଗାଡି ମୋଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟ ପାନ କରି ଯାତ୍ରୀବାହୀ ଅଟୋ ଚଳାଉଥିବା ଅଭିଯୋଗରେ ମିଣ୍ଡୋଳ ଗ୍ରାମର ମୁନା ନାୟକଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କର ଅଟୋ ଜବତ କରାଯାଇଛି। ଏ ନେଇ ନମ୍ବର ୨୮୪/୨୩ ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଭୁଆଁଶୁଣିନାଳୀ ଗ୍ରାମର ବିଭୁତି ନାୟକ ମଦ୍ୟ ପାନ କରି ବାଇକ ଚଳାଉଥିବାବେଳେ ତାଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ ଜବତ କରାଯାଇଛି। ଏ ନେଇ ନମ୍ବର ୨୮୫/୨୩ ରେ ଏକ ମାମଲା ରୁଜୁ ହୋଇଛି।

# କାର୍ଯ୍ୟାଦେଶ ବଣ୍ଟନ, ଲୋକାର୍ପଣ ଉତ୍ସବ



ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆମ ପୋଖରୀ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

କାମାକ୍ଷାନଗର,୧୫।୧୨
(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସାରଙ୍ଗଧର ଷ୍ଟାଡିୟମ ଅଡିଟୋରିୟମ ହଲ୍‌ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆମ ପୋଖରୀ ଯୋଜନାର କାର୍ଯ୍ୟାଦେଶ ଓ ମଧୁବାବୁ ପେନ୍‌ସନ ଯୋଜନା ଭତ୍ତା ବଣ୍ଟନ ସହ ମଳତ୍ୟାଗ ପରିଚାଳନା ଯାନର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିବା ସହିତ ମଳତ୍ୟାଗ ପରିଚାଳନା ଯାନ ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ଧର୍ମାନନ୍ଦ ପରିଡା, ଉପନଗରପାଳ ସକୁନ୍ତଳା ସେଠୀ ଏବଂ ସମସ୍ତ କାଉନସିଲର ଉପସ୍ଥିତ ରହି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ କରିଥିଲେ। ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ର ପରିଚାଳନା କରିଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଟାଏକୋଣ୍ଡୋ ପ୍ରତିଯୋଗିତା ଟ୍ରଫି ଉନ୍ମୋଚିତ

ଢେଙ୍କାନାଳ,୧୫।୧୨(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଦ୍ୱାରା ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାର ୨୦୨୩ ଟ୍ରଫି ଉନ୍ମୋଚିତ ହୋଇଯାଇଛି। ଆସନ୍ତା୧୬ ଓ ୧୭ ତାରିଖ ଦୁଇଦିନ ଧରି ସହରର ବନମାଳୀପ୍ରସାଦ ସ୍ଥିତ ସତ୍ୟମ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୨୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଓ ଶିକ୍ଷୟିତ୍ରୀ ଶିକ୍ଷକ, କୋଚ୍ ଏବଂ ପରିଚାଳକ ପ୍ରମୁଖ ଭାଗନେବେ। ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ଏଭଳି ବିଦ୍ୟାଳୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଢେଙ୍କାନାଳରେ ଅନୁଷ୍ଠିତ ହେବ। ଏହି ଟ୍ରଫି ଉନ୍ମୋଚନ ଉତ୍ସବରେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ଆମେଚର ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ସୌମ୍ୟବ୍ରତ ସାହୁ, ସତ୍ୟମ ଇଣ୍ଟରନ୍ୟାଶନାଲ ସ୍କୁଲର କ୍ରୀଡ଼ା ଶିକ୍ଷକ ସନ୍ତୋଷ ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ।


ଆନ୍ତଃ ବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାର ଟ୍ରଫି ଉନ୍ମୋଚନ କରାଯାଉଛି।

# ଫେବୃୟାରୀରେ ହେବ ଜାତୀୟ ଭାଷା ସମାବେଶ



ଭାଷାବିଜ୍ଞାନୀ ଗୋଲୋକ ଧଳଙ୍କ ଜୟନ୍ତୀ ଅବସରରେ ଅତିଥିମାନେ।

## ଭାଷାବିଜ୍ଞାନୀ ଗୋଲୋକ ଧଳଙ୍କ ଜୟନ୍ତୀ

ଢେଙ୍କାନାଳ,୧୫।୧୨(ରତନ ନାୟାର)

ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଧ୍ୱନିତତ୍ତ୍ୱବିତ୍ ଭାଷାବିଜ୍ଞାନୀ ଗୋଲୋକ ବିହାରୀ ଧଳଙ୍କ ୧୦୩ ତମ ଜୟନ୍ତୀ ଛନ୍ଦେଶ ଭାପୁରସ୍ଥିତ ଭୋଳେଶ୍ୱର ଧଳ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅପର୍ତ୍ତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବୟିତ୍ରୀ ପ୍ରବାସିନୀ ମହାକୁଡ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଇନ୍ଦ୍ରମଣି ନାୟକ ଯୋଗଦେଇ ସ୍ୱର୍ଗତ ଧଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱର୍ଗତ ଧଳଙ୍କ ସ୍ମୃତିରେ ଏକ ଜାତୀୟସ୍ତରର ଭାଷା ସମାବେଶ ଆସନ୍ତା ଫେବୃୟାରୀ ୨୧ରେ ଢେଙ୍କାନାଳ ସହରରେ ଆୟୋଜନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଛନ୍ଦେଶ ସାହିତ୍ୟ ସଂସଦ ସଭାପତି ନୀଳମଣି ମହାରଣା, ସମ୍ପାଦକ ମଧୁସୂଦନ ଶତପଥୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଗନ ବିହାରୀ ସେନାପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଧଳଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଛନ୍ଦେଶ ସାହିତ୍ୟ ସଂସଦର ଯୁଗ୍ମ ସମ୍ପାଦକ ଫକୀର ମୋହନ ସାହୁ, ଉପସଭାପତି ପ୍ରକାଶ ଚନ୍ଦ୍ର ଜଗଦେବ, କୋଷାଧ୍ୟକ୍ଷ ବୀରବର ମିଶ୍ର, ସଦସ୍ୟ ସୂର୍ଯ୍ୟମଣି ପୃଷ୍ଟି, ପ୍ରଶାନ୍ତ ଧଳ, ଜାପାନୀ ଜଗଦେବ, ଅମୀର ଚନ୍ଦ୍ର ରାଉତ, ପବିତ୍ର ବେହେରା, ନିହାର ରଞ୍ଜନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ସ୍ମୃତି ସଂସଦର ସନ୍ନ୍ୟାସୀ ପ୍ରଭାତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶକ୍ତି ସଙ୍କଟ ଉପରେ ଆଲୋକପାତ

କାମାକ୍ଷାନଗର,୧୫।୧୨
(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶକ୍ତି ସରଂକ୍ଷଣ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପୁରସ୍କାର ପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତାରାଣୀ ନାୟକ ଯୋଗଦେଇ ଶକ୍ତି ସଙ୍କଟ ଓ ଏହାର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ପଦଯାତ୍ରା, ସଚେତନତା ସଭା, ବିଭିନ୍ନ ପ୍ରତିଯୋଗିତା, ଶପଥ ଗ୍ରହଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶକ୍ତି କ୍ଲବ ଦାୟିତ୍ୱରେ ଥିବା ବରିଷ୍ଠ ବିଜ୍ଞାନ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷୟିତ୍ରୀ ଅମିତା ଘଡେଇ, ବିଷୟାବତୀ ମହାନ୍ତି, ଶିକ୍ଷା କର୍ମଚାରୀ ନାରାୟଣ ବାରିକ ପ୍ରମୁଖ ସହଯୋଗ କରିଥିଲେ।



ଜାତୀୟ ଶକ୍ତି ସରଂକ୍ଷଣ ଦିବସ ପାଳନ ଅବସରରେ ଅତିଥିମାନେ।

# ଅତିରିକ୍ତ ଆଇଆଇସିଙ୍କ ପରଲୋକ

ଢେଙ୍କାନାଳ,୧୫।୧୨(ରତନ ନାୟାର)

**ପୋଲିସ ପ୍ରଶାସନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି**



ଢେଙ୍କାନାଳ ଜିଲା ପରଜଙ୍ଗ ଥାନାର ଅତିରିକ୍ତ ଥାନା ଅଧିକାରୀ ଇନ୍ସପେକ୍ଟର ବୀର କିଶୋର ମଲ୍ଲିକ (୫୯)ଙ୍କ ଗୁରୁବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଇନ୍ସପେକ୍ଟର ବୀର କିଶୋର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯାଇ ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟକୁ ଅଣାଯାଇଥଲା। ସେଠାରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ସମେତ ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଓ ସୂର୍ଯ୍ୟମଣି ପ୍ରଧାନ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ, ସଦର ଥାନା ଅଧିକାରୀ ପ୍ରଦୀପ ପ୍ରଧାନ ଓ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସମେତ ପୋଲିସ ଅଧିକାରୀମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହିତ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ। ପରଲୋକଗତ ଇନ୍ସପେକ୍ଟରଙ୍କ ପୁଅଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ଏସ୍‌ପି ସହାୟତା ରାଶି ପ୍ରଦାନ କରିଥିଲେ। ଏହାପରେ ତାଙ୍କ ସ୍ତ୍ରୀ ଓ ପୁତ୍ରଙ୍କ ସହ ମର ଶରୀରକୁ ଏକ ଭ୍ୟାନରେ ପୈତୃକ ଗ୍ରାମ କେନ୍ଦ୍ରାପଡା ଜିଲା ଆଳିକୁ ପଠାଯାଇଥିଲା। ଅତିରିକ୍ତ ଥାନା ଅଧିକାରୀଙ୍କ ମୃତ୍ୟୁରେ ପରଜଙ୍ଗ ଥାନା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ଜିଲା ପୋଲିସ କାର୍ଯ୍ୟାଳୟଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଭଲିବଲ୍, ବ୍ୟାଡମିଣ୍ଟନ ପ୍ରତିଯୋଗିତା

ଢେଙ୍କାନାଳ,୧୫।୧୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନୂଆ-ଓ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଶୁକ୍ରବାର ଭଲିବଲ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବାଳିକା ବାଳକଙ୍କ ମଧ୍ୟରେ ଅନୁଷ୍ଠିତ ଭଲିବଲ ପ୍ରତିଯୋଗିତାରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ପିଜି ବାଳକ ଦଳ ଚାମ୍ପିୟନ ହୋଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ନୋଡାଲ ଅଧିକାରୀ ଡ. ଅମୃତ ସେଠ, ଯୁକ୍ତ୍ରୀ କ୍ରୀଡ଼ା କାର୍ଯ୍ୟକ୍ରମ ମୁଖ୍ୟ ତପନ କୁମାର ସେଠୀ ଓ ଡ. ଅଦ୍ୱୈତ କୁମାର ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ସେହିପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନୂଆ-ଓ କାର୍ଯ୍ୟକ୍ରମରେ ବାଳିକା ଓ ବାଳକମାନଙ୍କ ମଧ୍ୟରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହୋଇଥିଲା। ବାଳକ ସିଙ୍ଗଲ ପ୍ରତିଯୋଗିତାରେ ଚିନ୍ମୟ ଗଡନାୟକ ପ୍ରଥମ, ବାପୁନ ବେହେରା ଦ୍ୱିତୀୟ ଓ ସତ୍ୟପ୍ରକାଶ ତୃତୀୟସ୍ଥାନ ଅଧିକାର କରିଥିଲେ। ଡବଲ୍ସ ପ୍ରତିଯୋଗିତାରେ ଦୁର୍ଗାପ୍ରସାଦ ସାହୁ ଓ ସୁବାଶିଷ ସାହୁ ଚାମ୍ପିୟନ ହୋଇଥିବା ବେଳେ ଟିକୁନ ପରିଡା ଓ ସ୍ୱସ୍ତି ଦିପୁନ ବେହେରା ରନର୍ସଅପ୍ ହୋଇଥିଲେ। ସେହିପରି ବାଳିକା ବିଭାଗ ସିଙ୍ଗଲ୍ସ ପ୍ରତିଯୋଗିତାରେ ସୁନନ୍ଦା ବର୍ମା ଚାମ୍ପିୟନ ଓ ଅନନ୍ୟା ମହାନ୍ତି ରନର୍ସଅପ୍ ହୋଇଥିଲେ। ବାଳିକା ଡବଲ୍ସ ପ୍ରତିଯୋଗିତାରେ ଲକ୍ଷ୍ମୀପ୍ରିୟା ଗୁରୁ ଓ ତନୁଶ୍ରୀ ଗୁରୁ ଚାମ୍ପିୟନ ହୋଇଥିଲେ। ଶ୍ରଦ୍ଧାଞ୍ଜଳି ଥାଟୋଇ ଓ ସୋନାଲି ସ୍ୱର୍ଣ୍ଣପ୍ରଭା ବେହେରା ରନର୍ସଅପ୍ ହୋଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଧିକାରୀ ଡ. ଆଦିତ୍ୟ ମେହେର ଓ କ୍ରୀଡା କାର୍ଯ୍ୟକ୍ରମ ମୁଖ୍ୟ ଡ. ରବର୍ଟ ୱିଲସନ ବାତ୍ରା ଓ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।


ଭଲିବଲ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଖେଳାଳିମାନେ।

